# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24 March - 2024

### News Editor : *Tapan Kumar Moharana*

*********************************

## ମୁଖ୍ୟ ସମ୍ବାଦ

- ପିଆଜ ରପ୍ତାନୀ ଉପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଟକଣା ଜାରି କଲେ କେନ୍ଦ୍ର ସରକାର
- ହୀରାକୁଦରେ ଝାଡ଼ାବାନ୍ତି ପରିସ୍ଥିତିର ସମୀକ୍ଷା କଲେ ଦୁଇଜଣିଆ ବିଶେଷଜ୍ଞ ଦଳ
- ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ
- ହୋଲିରେ ବିଶୃଙ୍ଖଳିତ ଆଚରଣ ପାଇଁ ଗ୍ରହଣ କରାଯିବ କଠୋର କାର୍ଯ୍ୟାନୁଷ୍ଠାନ; କହିଲେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ

ଏବଂ

- ଭୁବନେଶ୍ୱର ଏବଂ କେରଳରେ ଆଜି ଅନୁଷ୍ଠିତ ହେଉଛି ଭାରତୀୟ ମହିଳା ଫୁଟବଲ୍ ଲିଗ୍ ପ୍ରତିଯୋଗିତାର ଚୂଡାନ୍ତ ପର୍ଯ୍ୟାୟ ମ୍ୟାଚ୍

## ପିଆଜ

କେନ୍ଦ୍ର ସରକାର ପିଆଜ ରପ୍ତାନୀ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଟକଣା ଲଗାଇଛନ୍ତି। ଘରୋଇ ଉପଲବ୍ଧତା ବଢ଼ାଇବା ଓ ଏହାର ମୂଲ୍ୟ ନିୟନ୍ତ୍ରଣ ରଖିବା ପାଇଁ କେନ୍ଦ୍ର ସରକାର ନିଷେଧାଦେଶ ସମୟ ବୃଦ୍ଧି କରିଛନ୍ତି। ପୂର୍ବରୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପିଆଜ ରପ୍ତାନୀ ଉପରେ ନିଷେଧାଦେଶ ଜାରି କରାଯାଇଥିଲା।

## ହୀରାକୁଦରେ ଡାଇରିଆ

ହୀରାକୁଦରେ ଝାଡାବାନ୍ତି ବ୍ୟାପିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ୨ଜଣିଆ ବିଶେଷଜ୍ଞ ଦଳ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଏହି ୨ଜଣିଆ ଟିମ୍ ପ୍ରଥମେ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ଡାକ୍ତରଙ୍କ ସହ ଆଲୋଚନା କରିବା ପରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆକ୍ରାନ୍ତଙ୍କ ସଂଖ୍ୟା ୧୭୦ରୁ ଊର୍ଦ୍ଧ୍ୱ ହୋଇଥିବା ଜଣାପଡିଛି। ଏହି ଟିମ୍ ସ୍ୱାସ୍ଥ୍ୟ ବିଭାଗକୁ ତାଙ୍କର ରିପୋର୍ଟ ପ୍ରଦାନ କରିବେ।

ସୂଚନାଯୋଗ୍ୟ, ହୀରାକୁଦରେ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ଦୂଷିତ ପାନୀୟ ଜଳ ବ୍ୟବହାର କାରଣରୁ ଝାଡାବାନ୍ତି ରୋଗ ବ୍ୟାପିଥିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆଶଙ୍କା କରିଛି। ବିଭିନ୍ନ ସ୍ଥାନରୁ ପାନୀୟ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ପ୍ରଭାବିତ ଅଞ୍ଚଳରେ ତୁରନ୍ତ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜିତ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର

ପ୍ରଧାନ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଝାଡାବାନ୍ତି ରୋଗର କାରଣକୁ ଚିହ୍ନଟ କରିବା ସହ ସଂକ୍ରମିତ ଅଞ୍ଚଳରେ ଏହାକୁ ପ୍ରତିହତ କରିବା ଲାଗି ବ୍ୟାପକ ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଆରମ୍ଭ କରିବାକୁ ଶ୍ରୀ ପ୍ରଧାନ ତାଙ୍କ ଚିଠିରେ ଅନୁରୋଧ କରିଛନ୍ତି।

## ନିର୍ବାଚନ-ମାଲକାନଗିରି

ମାଲକାନଗିରି ଜିଲ୍ଲାରେ ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିବା ବେଳେ ଉଭୟ ଆସନ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥିଙ୍କ ପାଇଁ ସଂରକ୍ଷିତ ରହିଛି । ଏହି ଦୁଇଟିଯାକ ନିର୍ବାଚନମଣ୍ଡଳୀରେ ଚତୁର୍ଥ ପର୍ଯ୍ୟାୟରେ ଆସନ୍ତା ମେ’ ମାସ ୧୩ ତାରିଖ ଦିନ ମତଦାନ ହେବ। ମତଦାତାଙ୍କ ସଂଖ୍ୟା ଏବଂ ପୋଲିଂ ବୁଥ୍ ସମ୍ପର୍କରେ ଅଧିକ ତଥ୍ୟ ଦେଇ ଆମ ମାଲକାନଗିରି ସମ୍ବାଦଦାତା ଦୁର୍ଗା ପ୍ରସାଦ ପଟ୍ଟନାୟକ କହିଛନ୍ତି....

**- V/O -**

ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଚ୍ଚିନ ପାୱାର କହିଛନ୍ତି....

**- V/O –**

# ବିଶ୍ୱ ଯକ୍ଷ୍ମା ଦିବସ

ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। ଯକ୍ଷ୍ମାରୋଗର ପ୍ରାଦୁର୍ଭାବ ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଏହାକୁ ନିୟନ୍ତ୍ରଣ କରିବା ଲାଗି ସମୂଚିତ ପଦକ୍ଷେପ ଗ୍ରହଣକୁ ଉତ୍ସାହିତ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଚଳିତବର୍ଷ ବିଶ୍ୱ ଯକ୍ଷ୍ମା ଦିବସର ବିଷୟବସ୍ତୁ ରହିଛି 'ହଁ ଆମେ ଯକ୍ଷ୍ମାର ଅନ୍ତ ନିଶ୍ଚିତ କରିପାରିବା'।

ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟବାସୀଙ୍କୁ ସଚେତନତାର ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ କହିଛନ୍ତି, ଯକ୍ଷ୍ମା ରୋଗର ଚିକିତ୍ସା ସମ୍ଭବ ଅଟେ। ତେବେ ଏହାର ଲକ୍ଷଣ ଏବଂ ଉପଚାର ପ୍ରତି ସଚେତନ ରହିବାକୁ ସଂକଳ୍ପ ନେବା ଲାଗି ସେ ପରାମର୍ଶ ଦେଇଛନ୍ତି।

ଯକ୍ଷ୍ମା ମୂଳୋତ୍ପାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ମାଧ୍ୟମରେ ଯକ୍ଷ୍ମାକୁ ରୋକାଯାଇପାରିବ। ଏହି ରୋଗକୁ ସଂପୂର୍ଣ୍ଣ ରୂପେ ଦୂର କରିବା ଏବଂ ସମସ୍ତଙ୍କ ପାଇଁ ଏକ ସୁସ୍ଥ ଏବଂ ଯକ୍ଷ୍ମା ମୁକ୍ତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ଓଡ଼ିଶାକୁ ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ବର୍ତ୍ତମାନ ପ୍ରତି ଏକ ଲକ୍ଷ ଲୋକଙ୍କ ମଧ୍ୟରେ ୨ହଜାର ୫୪୮ ଲୋକଙ୍କର ନମୁନା ପରୀକ୍ଷା କରାଯାଉଛି । ପ୍ରାୟ ସମସ୍ତ ହସ୍ପିଟାଲରେ ଟ୍ରୁନାଟ୍ ମେସିନ୍‌ରେ ଯକ୍ଷ୍ମା ପରୀକ୍ଷା କରାଯାଇ ସଂକ୍ରମିତଙ୍କୁ ମାଗଣା ଔଷଧ ଦିଆଯାଉଛି । ଦୁଇ ସପ୍ତାହରୁ ଅଧିକ ସମୟ ଧରି କାଶ ହେଲେ ତୁରନ୍ତ ପରୀକ୍ଷା କରାଇନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବିଭିନ୍ନ ଘରୋଇ ସଂସ୍ଥା ସହଯୋଗରେ ଚିହ୍ନଟ ଚିକିତ୍ସା ପ୍ରତିଷେଧକ ସହିତ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ।

## ରଙ୍ଗର ପର୍ବ ହୋଲି

ଆସନ୍ତାକାଲି ଦୋଳ ପୂର୍ଣ୍ଣମୀ । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଦୋଳ ମେଳଣ ଅନୁଷ୍ଠିତ ହେଉଛି । ଶୋଭାଯାତ୍ରାରେ ଠାକୁରଙ୍କୁ ମେଳଣ ପଡିଆକୁ ନିଆଯାଇ ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । ଦୋଳ ଏବଂ ହୋଲି ପାଳନକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଛି । ଏହି ପର୍ବ ପାଳନ ବେଳେ ରସାୟନିକ ରଙ୍ଗ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି । ହୋଲିରେ ବିଶୃଙ୍ଖଳିତ ଆଚରଣ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି । ସର୍ବସାଧାରଣ ସ୍ଥାନ ଏବଂ ବିଭିନ୍ନ ହୋଟେଲରେ ହେଉଥିବା ହୋଲି ପାଳନ ଉପରେ ସତର୍କ ଦୃଷ୍ଟି ରଖାଯିବ ବୋଲି ସେ କହିଛନ୍ତି । ସୁରକ୍ଷା ପାଇଁ ୧୫ ପ୍ଲାଟୁନ ପୁଲିସ୍ ଫୋର୍ସ୍ ମୁତୟନ ହେବେ ବୋଲି ସେ ସୂଚନା

ଦେଇଛନ୍ତି।  ବିନ୍ଦୁସାଗର ଓ ଦୟାନଦୀ କୂଳରେ ଓଡ୍ରାଫ୍ ଟିମ୍‌ଙ୍କୁ ନିୟୋଜିତ ହେବେ। କେମିକାଲ ମିଶା ରଙ୍ଗ ବିକ୍ରି ହେଉଥିବା ଅଭିଯୋଗ ମିଳିବା ପରେ ବିଭିନ୍ନ ଦୋକାନରେ କମିଶନରେଟ୍ ପୁଲିସ୍ ପକ୍ଷରୁ  ଚଢଉ କରାଯାଇଛି। ଅପମିଶ୍ରିତ ରଙ୍ଗ ଓ ନିମ୍ନମାନର ଅବିର ଜବତ କରାଯାଇଛି ବୋଲି ସେ କହିଛନ୍ତି।

**- V/O - (ପ୍ରତୀକ ସିଂ)**

## ମେଣ୍ଢାପୋଡି

ପୁରୀ ଶ୍ରୀମନ୍ଦିରରେ ଆଜି ସଂଧ୍ୟାରେ ମହାପ୍ରଭୁଙ୍କ ମେଣ୍ଢାପୋଡି ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନଧୂପ ସରିବା ପରେ ଆଜ୍ଞାମାଳ ପାଇ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଦୋଳବେଦୀକୁ ବିଜେ କରିଥିଲେ। ସେଠାରେ ଗଜପତିଙ୍କ ପ୍ରତିନିଧି ମୁଦିରସ୍ତଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ହୋମ, ଦେବନୀତି, ବନ୍ଦାପନା ପରେ ଭୋଗ ହୋଇଥିଲା। ବିଶେଷକରି ମାରୱାଡି ସଂପ୍ରଦାୟର ମହିଳାଙ୍କ ଦ୍ୱାରା ପୂର୍ବରୁ ସଂଗୃହିତ ଘଷିରେ ଅଗ୍ନି ସଂଯୋଗ କରାଯିବା ପରେ ହୋଲିକା ରାକ୍ଷାସୀକୁ ଦହନର ପ୍ରତିଫଳନ ସ୍ୱରୂପ ଦୋଳପୂର୍ଣ୍ଣିମା ପୂର୍ବଦିନ ଏହି ମେଣ୍ଢାପୋଡି ନୀତି ଅନୁଷ୍ଠିତ ହୋଇଥାଏ।

## ଗୋକୁଲମ୍-ଓଡ଼ିଶା ଏଫ୍‌ସି

ଭାରତୀୟ ମହିଳା ଫୁଟ୍‌ବଲ୍ ଲିଗ୍ ପ୍ରତିଯୋଗିତାର ଚୂଡାନ୍ତ ପର୍ଯ୍ୟାୟ ମ୍ୟାଚ୍ ଆଜି ଅନୁଷ୍ଠିତ ହେଉଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଓଡ଼ିଶା ଏଫ୍‌ସି କିକ୍ ଷ୍ଟାର୍ଟ ଏଫ୍‌ସି ମଧ୍ୟରେ ମୁକାବିଲା ହେଉଛି। ସେହିଭଳି

କେରଳର ଇଏମ୍‌ଏସ୍ ଷ୍ଟାଡିୟମ୍‌ଠାରେ ଗୋକୁଲମ୍ କେରଳ ଏବଂ ଇଷ୍ଟ ବେଙ୍ଗଲ୍ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି । ଏହି ଦୁଇ ମ୍ୟାଚ୍‌ର ଫଳାଫଳରୁ ହିଁ ପଏଣ୍ଟ ହିସାବରେ ଚଳିତ ସଂସ୍କରଣର ବିଜେତାଙ୍କ ଘୋଷଣା କରାଯିବ । ଚଳିତ ସଂସ୍କରଣର ବିଜେତା ଦୌଡରେ ଓଡ଼ିଶା ଏଫ୍‌ସି ଏବଂ ଗୋକୁଲମ୍ କେରଳ ମଧ୍ୟରେ ଫଇସଲା ହେବ । ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ୧୧ଟି ମ୍ୟାଚ୍‌ରୁ ୯ଟି ବିଜୟ ଏବଂ ଗୋଟିଏ ଲେଖାଏଁ ପରାଜୟ ଓ ଅମୀମାଂସିତ ସହ ୨୮ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି । ଅନ୍ୟପକ୍ଷରେ ଗୋକୁଲମ୍ କେରଳ ୧୧ଟି ମ୍ୟାଚ୍ ଖେଳି ୮ଟି ବିଜୟ, ଗୋଟିଏ ପରାଜୟ ଏବଂ ୨ଟି ଅମୀମାଂସିତ ସହ ୨୬ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କନ୍ଧମାଳ ଜିଲ୍ଲା କ୍ରୀଡାସଂଘ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି । ଫାଇନାଲ୍ ମ୍ୟାଚ୍‌ରେ ଫୁଲବାଣୀର ପବ୍ଲିକ୍ ସ୍କୁଲ କାରମେଲ୍ ସ୍କୁଲ୍‌କୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି । ଜିଲ୍ଲା କ୍ରୀଡା ଅଧିକାରୀ ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଗତ ୧୭ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ ।

**********************************